## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ

## ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର,ସୁନ୍ଦରଗଡ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ,ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୧୭ , ବୁଲେଟିନ ନମ୍ବର- ୩୪ , ତାରିଖ  :୨୬।୦୪।୨୦୨୪,ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୨୭.୦୪.୨୦୨୪–୦୧.୦୫.୨୦୨୪,ଶନି ବାର - ବୁଧବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ବର୍ଷା ହେବାର ସମ୍ଭାବନା ରହି ନାହିଁ ।ସର୍ବାଧିକ ତାପମାତ୍ରା (୪୦-୪୨$^{0}$C) ମଧ୍ୟରେ ରହିବାର ସମ୍ଭାବନା ରହିଛି  ଓ ସର୍ବନିମ୍ନ ତାପମାତ୍ରା (୨୫ -୨୮ $^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୨୮–୪୫%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୮–୧୧%) ମଧ୍ୟରେ  ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୨୭-୦୪-୨୦୨୪ | ୦ | ୪୦ | ୨୭ | ୨ | ୩୪ | ୧୦ | ୭ | ୨୨୫ |
| | ୨୮-୦୪-୨୦୨୪ | ୦ | ୪୧ | ୨୭ | ୨ | ୩୫ | ୮ | ୬ | ୧୫୩ |
| | ୨୯-୦୪-୨୦୨୪ | ୦ | ୪୨ | ୨୮ | ୨ | ୪୩ | ୧୧ | ୭ | ୨୯୭ |
| | ୩୦-୦୪-୨୦୨୪ | ୦ | ୪୧ | ୨୬ | ୦ | ୪୫ | ୮ | ୮ | ୨୮୯ |
| | ୦୧-୦୫-୨୦୨୪ | ୦ | ୪୦ | ୨୫ | ୦ | ୨୮ | ୯ | ୯ | ୨୮୮ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ : ବିଶେଷ ସତର୍କତା : ସନ୍ଧ୍ୟା ସମୟରେ ବିଶେଷ ଅବସ୍ଥାରେ ଫସଲକୁ ଜଳସେଚନ ଯୋଗାନ୍ତୁ । ଜଳର ଅଭାବ ହେଲେ ଜଳର ଉତ୍ତମ ବ୍ୟବହାର ପାଇଁ ବିକଳ୍ପ ଧାଡି ଜଳସେଚନ ପଦ୍ଧତିକୁ ଯାଆନ୍ତୁ ଯାହା ପ୍ରାୟ 50% ଜଳ ସଞ୍ଚୟ କରେ । ଅର୍କାର୍ଡରେ ଥିବା ଡ୍ରପ୍ ଜଳସେଚନ ବ୍ୟବସ୍ଥା ମଧ୍ୟ ଜଳ ସଞ୍ଚୟ କରେ । ଜଳସେଚନ ପ୍ରଣାଳୀ ଛିଞ୍ଚିବା ଦ୍ୱାରା ଉଚ୍ଚ ଟେମ୍ପର ପ୍ରଭାବ କମିଯାଏ ।**

**ରାଶି :**

ବର୍ତ୍ତମାନ ସମୟରେ ରାଶି ଫୁଲ ଫୁଟିବା ଅବସ୍ଥାରେ ଥିବାରୁ ପାଗ ଦେଖି ଜଳସେଚନ କରନ୍ତୁ

ପତ୍ରଦାଗ ଦମନ ପାଇଁ ପ୍ରତି ଲିଟର ପାଣିରେ ଯଥାକ୍ରମେ ୪ ଗ୍ରାମ ହିସାବରେ ମାଙ୍କୋଜେବ କିମ୍ବା ୨ ଗ୍ରାମ ହିସାବରେ ମେଟାଲାକ୍ସିଲ ଓ ମାଙ୍କୋଜେବ ମିଶ୍ରଣ ସିଞ୍ଚନ କରନ୍ତୁ

**ହଳଦୀ :**

ସାଧାରଣତଃ ମଇ ଓ ଜୁନ ମାସରେ ହଳଦୀ ଲଗାଯାଇଥାଏ

ଆମ ଓଡ଼ିଶା ରାଜ୍ୟ ପାଇଁ ରୋମା,ସୁରମା, ରଙ୍ଗ ଓ ରଶ୍ମୀ ଆଦି ୪ ଟି ହଳଦୀ କିସମ ଉପଯୁକ୍ତ ଅଟେ

ଏକ ଏକର ଜମିପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୋଇଥାଏ

ଏହି ଖଣ୍ଡ ଗୁଡିକୁ ୨-୩ ଟି ଆଖି ଥାଇ ୨୦ ରୁ ୨୫ ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ନେଇଯାଆନ୍ତୁ

ହଳଦୀ ଚାଷ ପାଇଁ ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର,୧୫ ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲାମ୍ବା ରଖି ପଟାଳି ଗୁଡିକୁ ପ୍ରସ୍ତୁତ କରନ୍ତୁ

ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅନ ଗୋଳାଇ ଏଥିରେ ପ୍ରାୟ ୫୦ କିଗ୍ରା ହଳଦୀ କୁ ବିଶୋଧନ କରନ୍ତୁ

ଏହାପରେ ବିହନ କୁ ଛାଇରେ ଶୁଖାନ୍ତୁ

ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଗାଡି (୫ ଟନ )ଗୋବରଖତ ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳୀରେ ୧୦ ଗାଡି ଗୋବର ଖତ ଦିଅନ୍ତୁ

**ଖରାଟିଆ ଚିନାବାଦାମ :**

ବର୍ତ୍ତମାନ ସମୟରେ ଚିନାବାଦାମ ର ଅମଳ ଅବସ୍ଥା ଆସି ନଥିଲେ ମାଟିର ବତର କୁ ନଜର ରଖି ଜଳସେଚନ କରନ୍ତୁ

ସଅଳ ଫସଲ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ

**ଗୋଲାପ :**

ଗୋଲାପ ଗଛ ମୂଳରୁ ଘାସବାଛି ମଂଦାପ୍ରତି ୪ କିଗ୍ରା ରୁ ୧୦ କିଗ୍ରା ଖତ ପ୍ରୟୋଗ କରି ସଙ୍ଗେ ସଙ୍ଗେ ଜଳ ସେଚନ କରନ୍ତୁ

**ଗେଁଡୁଫୁଲ :**

ବର୍ତ୍ତମାନ ସମୟରେ ଗେଁଡୁଫୁଲ ଚାଷ ରେ ନାଲି ବୁଢିଆଣୀ ଅଷ୍ଟପଦୀର ଆକ୍ରମଣ କରିବାର ଦେଖାଯାଇଥାଏ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ ହିସାବରେ ସଲଫର ସେଚିତ ଗୁଣ୍ଡ କିମ୍ବା ୨.୧ ମିଲି ପ୍ରୋପାରହାଇଟ ସହିତ ମିଶାଇ ସିଞ୍ଚନ କରନ୍ତୁ

ଗେଁଡୁ ଗଛ ଲଗାଇବାର ଠିକ ୩୦ ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ

**ରଜନୀଗନ୍ଧା :**

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ ଦିନର ହୋଇଯାଇଥିଲେ ଏକର ପ୍ରତି ୮୫ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ

ରଜନୀଗନ୍ଧା ଚାଷ ପାଇଁ କୋଲକାତା ,ସିଙ୍ଗଲ ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନି (ଡବଲ) ଆଦି କିସମ ଗୁଡିକ ଉତ୍କୃଷ୍ଟ ଅଟେ

ଏକର ପ୍ରତି ପ୍ରାୟ ୪୦୦୦୦ କନ୍ଦା ଆବଶ୍ୟକ ଏବେଁ କନ୍ଦାଗୁଡିକ ୨.୫ ସେମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର

କନ୍ଦା ଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦେବା ଜରୁରୀ

ଧାଡିକୁ ଧାଡ଼ି ୩୦ ସେମି ଓ କନ୍ଦାକୁ କନ୍ଦା ୩୦ ସେମି ବ୍ଯବଧାନ ରେ ଲଗାନ୍ତୁ

ଅଧିକ ଅମଳ ପାଇବା ପାଇଁ ହେଲେ ଦୂରତା ୧୫ସେମି ରୁ ୧୫ ସେମି ରେ ଲଗାଇବା ଦରକାର

**ସୂର୍ଯ୍ୟାମୂଖୀ :**

ସୂର୍ଯ୍ୟାମୂଖୀ ବର୍ତ୍ତମାନ ସମୟରେ ପାକଳ ଅବସ୍ଥାରେ ପ୍ରାୟ ପହଞ୍ଚିଯାଇଥାଏ

ଉପଯୁକ୍ତ ପାଗ ଆସିବା ମାତ୍ରେ ତାକୁ ଅମଳ କରିଦିଅନ୍ତୁ

ଡେରିରେ ଲଗାଯାଇଥିବା ଫସଲରେ ଫଳବିନ୍ଧା ପୋକ (ହେଲିକୋଭର୍ପା)ମଥା ମଧରେ ପଶି ମଞ୍ଜି ଖାଇବାର ସମ୍ଭାବନା ରହିଥାଏ

ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଟ୍ରାଏଜୋଫସ ମିଶାଇ ସିଞ୍ଚନ କରନ୍ତୁ

**ବାଇଗଣ :**

ବାଇଗଣ ଫସଲରେ କାଣ୍ଡ ଓ ଫଳ ଶୁଖିବା ରୋଗ ଦେଖାଦେଲେ ତାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ଓ ମାଙ୍କୋଜେବର ମିଶ୍ରଣ ସିଞ୍ଚନ କରନ୍ତୁ

**ଅଦା :**

ଅଦା ସାଧାରଣତଃ ଏପ୍ରିଲ ରୁ ମେ ମାସ ମଧରେ ଲଗାଯାଇଥାଏ ଏହା ଅଦା ପାଇଁ ଉପଯୁକ୍ତ ସମୟ ଅଟେ

ବିଶେଷ କରି ଆମ ଓଡ଼ିଶା ରାଜ୍ୟ ପାଇଁ ତିନୋଟି ମୁଖ୍ୟ କିସମ ସୁପ୍ରଭା ସୁରୁଚି ଓ ସୁରଭି ଅନ୍ୟତମ ଅଟେ

ଏକ ଏକର ଜମି ପାଇଁ ୬-୮ କୁଇଣ୍ଟାଲ ଅଦାଖଣ୍ଡ ଦରକାର ହୋଇଥାଏ

ଏହି ଖଣ୍ଡଗୁଡିକ ୨-୩ ଟି ଆଖି ଥାଇ ୧୫ ରୁ ୧୯ ଗ୍ରାମ ଓଜନ ରଖି କାଟିବା ଉଚିତ

ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅ ଔଷଧ ଗୋଳେଇ ଏଥିରେ ପ୍ରାୟ ୫୦ କିଗ୍ରା ଅଦାଖଣ୍ଡ ବିଶୋଧନ କରନ୍ତୁ

ଏହାପରେ ଅଦାଖଣ୍ଡ ଗୁଡିକୁ ଛାଇରେ ଶୁଖାନ୍ତୁ

**ମାଛ ଚାଷ :**

ବିଷାକ୍ତ ପ୍ରଭାବକୁ ନିବାରଣ କରି ମାଛ ଉତ୍ପାଦନରେ ଚୂନ ବହୁବିଧ ଉପକାରୀ ଭାବେ ସାବ୍ୟସ୍ତ ହୁଏ

ଚୂନ ପ୍ରୟୋଗ ଫଳରେ ପୋଖରୀରେ ଅଙ୍ଗାର ଆମ୍ଳୀକରଣରେ ସହାୟ ହୁଏ ଏବୌଁ ବିଭିନ୍ନ ରୋଗକାରୀ ଜୀବାଣୁ ମାନଙ୍କୁ ଦମନ କରି ପରିବେଶ ନିରୋଗ ରଖେ

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ରିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍ ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*